# Akashvani, Sambalpur

## SAMBALPURI NEWS EVENING BULLETIN

## 26 March 2026-7.02- 7.12 pm.

---

୧- କଟକ ଏସ୍‌ସିବି ମେଡିକାଲ ଅଗ୍ନିକାଣ୍ଡ ଘଟ୍‌ନାକେ ନେଇକରି ବିରୋଧିଙ୍କର କିର୍ଲାଗଗା ଲାଗି ସୋମବାର୍ ତକ୍ ମୁଲ୍‌ତବି ହେଲା ବିଧାନ ସଭା ।

୨- ରାଜ୍ୟ ସରକାର ଆଏବା ୧ ତାରିଖ୍‌ନୁ ଲାଗୁ କର୍‌ବେ ତିନ୍ ବଛ୍‌ରିଆ ଅବକାରୀ ନୀତି ।

୩- ପୌର ସଂସ୍ଥା କାର୍ଯ୍ୟନିର୍ବାହୀ ଅଧିକାରୀ ଆଉ ଅଧ୍ୟକ୍ଷମାନ୍‌କର ଆର୍ଥିକ୍ ଅନୁମୋଦନ୍ କ୍ଷମତା ବଢ଼ାଲେ ସରକାର ।

ଆଉର୍

୪- ଡିସେମ୍ବର ୨୪ ତାରିଖ୍ ଦିନ ବାରବାଟୀ ନ ହେବା ଭାରତ-ଶ୍ରୀଲଙ୍କା ଟି-୨୦ କ୍ରିକେଟ୍ ମେଚ୍ ।

ବିଧାନ୍‌ସଭା ଭୁବ୍‌ନେଶ୍ୱର୍ ସମ୍ବାଦଦାତା

ବିଧାନ୍‌ସଭା ବଜେଟ୍ ଅଧିବେଶନ୍ ୨ ନମ୍ବର୍ ଖେପ୍‌ର ୧୪ ନମ୍ବର୍ ଦିନେ ଆଏଜ୍ ଭିଲ୍ କଟକ୍ ଏସ୍‌ସିବି ମେଡ଼ିକାଲ୍ ଅଗ୍ନିକାଣ୍ଡ ଘଟ୍‌ନାକେ ନେଇକରି ଗୃହ କାର୍ଯ୍ୟ ପ୍ରଭାବିତ୍ ହେଇଥିଲା । ବିରୋଧୀ ସଦସ୍ୟମାନ୍‌କର୍ ହୋହଲ୍ଲା ଲାଗି ବାଚସ୍ପତି ସୁରମା ପାଢ଼ୀ ଗୃହକେ ବାର୍‌ବାର୍ ମୁଲ୍‌ତବୀ କରିଥିଲେ । ଆଏଜ୍ ଭିଲ୍ କମ୍ ସମିଆ ଲାଗି ଗୃହକାର୍ଯ୍ୟ ଚାଲିଥିଲା । ଗୃହର୍ ଏନ୍ତା ଥିକେ ନଜର୍‌ଥି ରଖିକରି ବାଚସ୍ପତି ଆଏବା ସୋମବାର୍ ଦିନର୍ ସାଢ଼େ ୧୦ ବଜେତକ୍ ଗୃହକେ ମୁଲତବି ଘୋଷଣା କରିଛନ୍ । ଇତାର୍ ସହେତେ ଆଏବା ସୋମବାର ଦିନ ଗୃହ ନିର୍ମାଣ ଆଉ ନଗର ଉନ୍ନୟନ ଆଉ ସାମାଜିକ ସୁରକ୍ଷା ବିଭାଗର୍ ଖର୍ଚ୍ଚା ଦାବି ଆଲୋଚନା ଗିଲୋଟିନ୍ ଜରିଏ କରାଯିବା ବଲି ବାଚସ୍ପତି ଘୋଷଣା କରିଛନ୍ । ଇ ବାବ୍‌ଦେ ସରକାରୀ ଦଲର୍ ମୁଖ୍ୟ ସଚେତକ ସରୋଜ ପ୍ରଧାନ ପ୍ରସ୍ତାବ୍ ଆଗତ୍ କରିଥିଲେ । ପ୍ରସ୍ତାବ୍‌କେ ସଂସଦୀୟ ବ୍ୟାପର ମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ ସମର୍ଥନ୍ କରିଥିଲେ ।

ବିଧାନ ସଭା-ଡେମ୍ ହି.ସ.

ରାଏଜେ ଖୋବ୍ ଜଲ୍ଦି ଆଉ ୩୩ଟା ଡେମ୍ ତିଆର୍ କର୍ବାର୍ ଲାଗି ସରକାର ଯୋଜ୍ନା କରୁଛନ୍ ବଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ । ଇ ପ୍ରସଙ୍ଗଥି ଇଛେନ୍କା ବିଚାର୍ ଚାଲିଛେ ବଲି ମୁଖ୍ୟମନ୍ତ୍ରୀ ବିଧାନ ସଭା ନ ଗୁଟେ ଲିଖିତ୍ ପ୍ରଶ୍ନର୍ ଉତର୍ଥି କହିଛନ୍ ।

ବିଧାନ ସଭା-ଜବରଦଖଲ ମୁକ୍ତ ହି.ସ.

ଗଲା ଦୁଇ ବଛର୍ ଭିତ୍ରେ ରାଜ୍ୟର୍ ୨୬ଟା ଜିଲ୍ଲା ନ ୧ ଲାଖ୍ ୩୭ ହଜାର ଶହେ ୧୯ ଏକଡ଼ନୁ ଅଏତ୍କା ଜମି ଜବରଦଖଲ ମୁକ୍ତ କରାଯାଇଛେ ବଲି ରାଜସ୍ୱ ଆଉ ବିପର୍ଯ୍ୟୟ ପରିଚାଲ୍ନା ମନ୍ତ୍ରୀ ସୁରେଶ ପୂଜାରୀ ବିଧାନସଭା ନ ଆଏଜ୍ ସୂଚ୍ନା ଦେଇଛନ୍ । ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍, ରାଏଜେ ନୂଆ ସରକାର ଆଏଲା ଦିନୁ ଜବରଦଖଲକାରୀଙ୍କର୍ ଉପ୍ରେ କଡ଼ା କାର୍ଯ୍ୟାନୁଷ୍ଠାନ୍ ନିଆଯାଉଛେ । ଇହାଦେ ଭିଲ୍ ରାଜ୍ୟର୍ ୭୪ ହଜାର ୨ ଶହ ୩୮ ଏକଡ଼ନୁ ଅଏତ୍କା ଜମି ଜବରଦଖଲ୍ଥି

ରହିଛେ । ଖୋବ୍ ଜଲ୍‌ଦି ସେସବୁକେ ଭିଲ୍ ମୁକ୍ତ କରାଯିବା ବଲି ରାଜସ୍ୱ ମନ୍ତ୍ରୀ କହିଛନ୍ ।

ବିଧାନ୍‌ସଭା-ବିଧାୟକ ଦରମା ଭୁବ୍‌ନେଶ୍ୱର୍ ସମ୍ବାଦଦାତା

ବିଧାୟକ୍‌ମାନ୍‌କର ଦର୍‌ମା ଭତା ଆଉ ପେନ୍‌ସନ୍ ବାବଦ୍ ୪ଟା ବିଲ୍‌କେ ପ୍ରତ୍ୟାହାର୍ କର୍‌ବାର୍ ଲାଗି ସରକାରଙ୍କର ତର୍‌ଫୁ ପଦକ୍ଷେପ୍ ମୁଲ୍ ହେଇଛେ । ଇ ବାବ୍‌ଦେ ଆଏଜ୍ ବିଧାନ ସଭା ସଚିବାଲୟ ତର୍‌ଫୁ ନିର୍ଦ୍ଦେଶନାମା ଜାରି କରାଯାଇକରି ବିଧାୟକ୍‌ମାନ୍‌କୁ ଚିଠି ଜରିଏ ସୂଚ୍‌ନା ଦିଆଯାଇଛେ । ଇତାର୍ ସହେତେ ସଂସଦୀୟ ବ୍ୟାପାର ମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ ବିଧାନସଭା ନ ଇତାର୍ ଅନୁମୋଦନ୍ ଲାଗି ପ୍ରକ୍ରିୟା ମୁଲ୍ କରିଛନ୍ । ଆଏବା ସୋମବାର୍ ଦିନ ବିଲ୍‌ମାନ୍‌କର ପ୍ରତ୍ୟାହାର ବାବ୍‌ଦେ ଗୃହ ନ ଆଲୋଚନା ହେଇପାରେ ବଲି ଜନାପଡ଼ିଛେ ।

ବିଧାନ୍‌ସଭା-ଚୁନ୍ ପଥର ଖଣି ହି.ସ.

ରାଜ୍ୟର୍ ୮ଟା ଜିଲ୍ଲା ନ ଚୁନ୍ ପଥର୍ ଖଣି ଭଣ୍ଡାର୍ ରହିଛେ ବଲି ଖଣି ମନ୍ତ୍ରୀ ବିଭୁତି ଭୂଷଣ ଜେନା କହିଛନ୍ । ସୁନ୍ଦରଗଡ଼ ଜିଲ୍ଲା ନ ୩୯, ବଲାଙ୍ଗୀ ନ ୪, କୋରାପୁଟ୍ ନ ୨୦, ବରଗଡ଼ ନ ୪, ଝାରସୁଗୁଡ଼ା ନ ୨, ନୂଆପଡ଼ା ନ ୮, ମାଲକାନଗିରି ନ ୩ ଆଉ ସମ୍ବଲପୁର ନ ଗୁଟେ ଚୁନ ପଥର ଖଣି ଭଣ୍ଡାର ଅଛେ ବଲି ବିଧାନ ସଭା ନ ଆଏଜ୍ ଗୁଟେ ପ୍ରଶ୍ନର୍ ଉତର୍ଥି ମନ୍ତ୍ରୀ ଶ୍ରୀ ଜେନା କହିଛନ୍ ।

ବିଧାନ୍ସଭା-ଅବକାରୀ ନୀତି ଭୁବ୍ନେଶ୍ୱର୍ ସମ୍ବାଦଦାତା

ରାଜ୍ୟ ସରକାର ଆଏବା ମାସର୍ ୧ ତାରିଖ୍ନୁ ୨୦୨୯ ମସିହା ମାର୍ଚ୍ଚ ୩୧ ତାରିଖ୍ତକ୍ ତିନ୍ ବଛ୍ରିଆ ଅବକାରୀ ନୀତି ଘୋଷଣା କରିଛନ୍ । ଅବକାରୀ ନୀତିଥି ସ୍ଥିର୍ତା ଆଉ ସ୍ୱଚ୍ଛତା ଆନ୍ବାରକେ ସରକାର ଚେରେଷ୍ଟା କରୁଛନ୍ । ଅବକାରୀ ଶୁଲ୍କ ଉପ୍ରେ ଶୂନ୍ ଦଶମିକ୍ ୫ ପ୍ରତିଶତ୍ ନିଶା ନିବାରଣ ସେସ୍ ପ୍ରବର୍ତନ୍ ହେବା । ସେସ୍ନୁ ଆସୁଥିବାର୍ ଆୟ ଆଦର୍ଶ ନିଶା ନିବାରଣ କେନ୍ଦ୍ର

ଥାପ୍‌ନା ଆଉ ସୁଦୃଢ଼ୀକରଣଥି ଖର୍ଚ୍ଚା କରାଯିବା ବଲି ବିଧାନ ସଭା ନ ଆଏଜ୍ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ ।

(ଭଏସ୍-ପୃଥ୍ୱୀରାଜ ହରିଚନ୍ଦନ)

ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଛନ୍, ରାଜ୍ୟର୍ ସବୁ ଉତ୍ପାଦନ୍ ୟୁନିଟ୍ ଆଉ ଖୁଚୁରା ଦୁକାନ୍ ସିସିଟିଭି ନଜର୍‌ଥି ରହେବା । ଇତାର୍ ସହେତେ ଅବକାରୀ ରାସାୟନିକ୍ ପରୀକ୍ଷାଗାର ମାନ୍‌କୁ ଆଧୁନିକ୍ ପ୍ରଯୁକ୍ତି ଆଉ ପ୍ରଶିକ୍ଷିତ୍ ମାନବ୍ ସମ୍ବଲ ଜରିଏ ବର୍‌କସ୍ ଆଉ ଉନ୍ନତ୍ କରାଯିବା ବଲି ଅବକାରୀ ମନ୍ତ୍ରୀ କହିଛନ୍ ।

ମାନବାଧିକାର ଆୟୋଗ ଅଧ୍ୟକ୍ଷ ପ୍ରେସ୍ ରିଲିଜ୍

ଓଡ଼ିଶା ମାନବାଧିକାର ଆୟୋଗ୍‌ର ଅଧ୍ୟକ୍ଷ ଭାବେ ଓଡ଼ିଶା ହାଇକୋର୍ଟର ଆଘର୍ ବିଚାରପତି ଜଷ୍ଟିସ୍ ଶତ୍ରୁଘନ ପୂଜାରୀଙ୍କୁ ନିଯୁକ୍ତି ମିଲିଛେ । ଜଷ୍ଟିସ୍ ପୂଜାରୀଙ୍କର ନିଯୁକ୍ତିକେ ରାଜ୍ୟପାଲ ଡକ୍ଟର ହରିବାବୁ କମ୍ଭମ୍‌ପାଟି ମୋହର ଲଗେଇଥିବା ତାଙ୍କର କାର୍ଯ୍ୟାଲୟ ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।

ପୌର ନିର୍ବାହୀ ଅଧିକାରୀ-କ୍ଷମତା ଆଇ.ଆଣ୍ଡ.ପି.ଆର

ପୌରପାଳିକାମାନ୍‌କର କାମ୍‌କାଜ୍‌କେ ଆହୁରି ସରଲ୍ ଆଉ ତୁର୍‌ତି କର୍‌ବାର୍ ଲାଗି ରାଜ୍ୟ ସରକାର ଓଡ଼ିଶା ପୌର ନିୟମାବଳୀ, ୧୯୫୩ଥି ସଂଶୋଧନ୍ ଆନିଛନ୍ । ନୂଆ ଆଇନ୍ ଓଡ଼ିଶା ପୌର ସଂଶୋଧନ୍ ନିୟମାବଳୀ ୨୦୨୫ ଅନ୍‌ସାରେ ସରକାର ପୌର ସଂସ୍ଥାମାନ୍‌କର କାର୍ଯ୍ୟନିର୍ବାହୀ ଅଧିକାରୀ ଆଉ ଅଧ୍ୟକ୍ଷମାନ୍‌କର ଆର୍ଥିକ୍ ଅନୁମୋଦନ୍ କ୍ଷମତାକେ ବଢ଼େଇଛନ୍ । ନୂଆ ନିୟମ୍ ଅନ୍‌ସାରେ କାର୍ଯ୍ୟନିର୍ବାହୀ ଅଧିକାରୀମାନେ ଏତ୍‌କର ପରିଷଦ୍‌ର ବିନା ଅନୁମତିଥି ପୌର ପ୍ରଶାସନ୍‌ର ଭିନ୍ ଭିନ୍ ଖର୍ଚ୍ଚା ଲାଗି ୧୦ ହଜାର ଟଙ୍କା ତକ୍ ଖର୍ଚ୍ଚା କରିପାର୍‌ବେ । କ୍ରୟ କମିଟିର୍ ସୁପାରିଶ୍‌ଥି ୩ ଲାଖ୍ ଟଙ୍କା ତକ୍ ଖର୍ଚ୍ଚା କରିପାର୍‌ବେ । ସେନ୍ତା ୨୫ ଲାଖ୍ ଟଙ୍କା ତକ୍ ଦରମା ବିଲ୍ ଆଉ ଦେୟ ଆଦେଶ୍ ନିଜେ ହସ୍ତାକ୍ଷର କରିପାର୍‌ବେ । ଇତାର୍ ସହେତେ ୧୦ ଲାଖ୍ ଟଙ୍କା ତକ୍ ପ୍ରଶାସନିକ୍ ଅନୁମୋଦନ୍ କରିପାର୍‌ବେ । ୧୦ ଲାଖ୍‌ନୁ ଅଏତ୍‌କା ଟଙ୍କାର୍ ପ୍ରକଳ୍ପ ଲାଗି ଅଧ୍ୟକ୍ଷଙ୍କର ଅନୁମତି ଦର୍‌ବାର ବଲି ନୂଆ ନିୟମ୍‌ଥି ଉଲ୍ଲେଖ ରହିଛେ ।

ମନ୍ କି ବାତ୍          ଆର୍ଏନ୍ୟୁ/ ସମ୍ବଲପୁର

ପ୍ରଧାନ୍ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏବା ରଏବାର୍ ଦିନ ସଖାଲର୍ ୧୧ ବଜେ ଆକାଶ୍ବାଣୀର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଜରିଏ ଦେଶ୍ ଆଉ ଦୁନିଆସାରା ଲୁକ୍କର୍ ସାଙ୍ଗେ ବିଚାର୍ ବିନିମୟ କର୍ବେ । ଇଟା ତାଙ୍କର୍ ଶହେ ୩୨ ନମ୍ବର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ହେବା ।

ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଆକାଶ୍ବାଣୀ ଆଉ ଦୂର୍ଦର୍ଶନ୍ ଜରିଏ ଆର୍ ଏଆଇଆର୍ ନ୍ୟୁଜ୍ ୱେବ୍ସାଇଟ୍ 'ନ୍ୟୁଜ୍ ଅନ୍ ଏଆଇଆର୍' ମୋବାଇଲ୍ ଆପ୍ଥି ପ୍ରସାରଣ୍ କରାଯିବା । ଆକାଶ୍ବାଣୀ ସମ୍ବାଦ, ଡିଡି ନ୍ୟୁଜ୍, ପିଏମ୍ଓ ଅଫିସ୍ ଆଉ ସୂଚନା ଆଉ ପ୍ରସାରଣ୍ ମନ୍ତ୍ରଣାଳୟର ୟୁ-ଟ୍ୟୁବ୍ ଚେନାଲ୍ଥି ଭିଲ୍ ଇତାର୍ ସିଧା ପ୍ରସାରଣ୍ କରାଯିବା । ପ୍ରଧାନ୍ମନ୍ତ୍ରୀଙ୍କର୍ ହିନ୍ଦୀ ଅଭିଭାଷଣ୍ ଉତ୍ରୁ ଆଂଚଲିକ୍ ଭାଷାଥି ଇତାର୍ ପ୍ରସାରଣ୍ କରାଯିବା ।

ହୋର୍ମୁଜ୍ ପ୍ରଣାଳୀ-ଗେସ୍ ସ୍ଥିତି ଏନ୍ଏସ୍ଡି/ଆର୍ଏନ୍ୟୁ/ ସମ୍ବଲପୁର

ଭାରତ୍, ଚୀନ୍, ରୁଷିଆ ସହେତେ ଅଲ୍‌ଗା ମିତ୍ର ରାଷ୍ଟ୍ରମାନ୍‌କୁ ହର୍ମୁଜ୍ ପ୍ରଣାଳୀଥି ବ୍ୟବସାୟିକ୍ ଜାହାଜ୍ ଚଲାଚଲ୍ ଲାଗି ଇରାନ୍ ଅନୁମତି ଦେଇଛେ । ଇ ବାବ୍‌ଦେ ଇରାନ୍‌ର ବୈଦେଶିକ୍ ବ୍ୟାପାର ମନ୍ତ୍ରୀ ସୟଦ୍ ଅବାସ୍ ଆରାଗଚି ସୂଚ୍‌ନା ଦେଇଛନ୍ । ଇରାନ୍ ତର୍‌ଫୁ ହର୍ମୁଜ୍ ପ୍ରଣାଳୀଥି ବ୍ୟବସାୟିକ୍ ଜାହାଜ୍ ଚଲାଚଲ୍ ବନ୍ଦ କରାଯାଇଥିବାର୍‌ନୁ ବିଶ୍ୱସ୍ତର ନ ତେଲ୍ ଆଉ ଗେସ୍‌ର ଯୋଗାଣ ବାଧାପ୍ରାପ୍ତ ହେଇଛେ । ସେଆଡ଼େ ମଧ୍ୟପ୍ରାଚ୍ୟ ନ ଯୁଦ୍ଧ ସ୍ଥିତି ଲାଗି ଭାରତ୍ ଗେସ୍ ଆଉ ଇନ୍ଧନ କ୍ଷେତ୍ରଥି ଆତ୍ମନିର୍ଭର୍ ହେବାର୍‌କେ ରଣନୀତି ମୁଲ୍ କରି ଦେଇଛେ । ଇ ବାବ୍‌ଦେ ଆକାଶବାଣୀ ସମ୍ବଲପୁର ସମ୍ବାଦ୍ ବିଭାଗର୍ ଗୁଟେ ରିପୋର୍ଟ...

(ଭଏସ୍)

ମଧ୍ୟପ୍ରାଚ୍ୟ ନ ଦେଖା ଦେଇଥିବା ଯୁଦ୍ଧ ସ୍ଥିତି ଇହାଦେ ସାରା ପୁର୍‌ଥିକେ ଅନିଶ୍ଚିତତା ଭିତ୍‌ରେ ନେଇ ଯାଇଛେ । ଇ ସମିଆ ଭିତ୍‌ରେ ନିଜର ଶକ୍ତି ଚାହିଦାକେ ପୂରଣ କର୍‌ବାର୍ ଲାଗି ଭିନ୍ ଭିନ୍

ଦେଶର୍ ସରକାର ଇଛେନ୍‌କା ନିଜର୍ ଶକ୍ତି ଉସ୍ ମାନ୍‌କର ସନ୍ଧାନଥି ଲାଗି ପଡ଼ିଛନ୍ । ଭାରତ୍ ଭିଲ୍ ଇ ଦିଗେ ରଣନୀତି ତିଆର୍ କରିସାରିଛେ । ଗୁହେର୍ ସମୁଦ୍ର  ଭିତ୍‌ରେ ତେଲ୍‌ର ସନ୍ଧାନ କାମ୍‌କେ ଭାରତ୍ ସରକାର ଆହୁରି ଜୋର୍‌ଦାର୍ କରି ଦେଇଛନ୍ । ଦେଶ୍ ଭିତ୍‌ରେ ଭରପୁର ମାତ୍ରାଥି ତେଲ୍ ଆଉ ଗେସ୍ ଉତୋଲନ୍ କର୍‌ବାର୍‌କେ ଡିପ୍‌ୱାଟର୍ ଡ୍ରିଲିଂ ରିଗ୍ ଲାଗି ଭାରତ୍ ସରକାରଙ୍କର୍ ତରଫୁ ୨୦ ବିଲିୟନ୍ ଡଲାର୍‌ର ଗୁଟେ ଅନ୍ତର୍ଜାତୀୟ ଟେଣ୍ଡର୍ ଡକାଯାଇଛେ । ୮୦ ଦିନ୍ ଭିତ୍‌ରେ ରିଗ୍ ସଂଗ୍ରହ କର୍‌ବାର୍ ଲାଗି ଲକ୍ଷ୍ୟ ରଖାଯାଇଛେ । ଭାରତ୍ ଇହାଦେ ବଛର୍‌କ ୩୦ଟା ତେଲ୍ ଚୁଆଁ କୁଡୁଛେ । ସମୁଦ୍ର ମନ୍ଥନ ଯୋଜ୍‌ନା ଅଧିନ୍‌ଥି ଆଏବା ୫ ବଛର୍ ଭିତ୍‌ରେ ଇ ସଂଖ୍ୟା ଶହେକେ ବଢ଼ାବାର୍ ଲକ୍ଷ୍ୟ ରଖାଯାଇଛେ । ଇ ସବୁ ପଦକ୍ଷେପ୍ ଭାରତ୍‌କେ ଗେସ୍ ଆଉ ଇନ୍ଧନ କ୍ଷେତ୍ରଥି ଆତ୍ମନିର୍ଭର୍ କର୍‌ବା ବଲି ଆଶ୍ କରାଯାଉଛେ ।

ଆକାଶବାଣୀ ସମ୍ବଲପୁର ସମ୍ବାଦ୍ ବିଭାଗ୍ ତରଫୁ ମୁଇଁ ବିସ୍ମିତା ପ୍ରଧାନ ।

ଚାଷୀ ଦଲ୍ ମହାରାଷ୍ଟ୍ର ଗସ୍ତ ନୂଆପଡ଼ା ସମ୍ବାଦଦାତା

ପିଆଜ ଚାଷ୍, ବଜାର୍ ବ୍ୟବସ୍ଥା ବାବ୍‌ଦେ ଅତ୍ୟାଧୁନିକ୍ ସୂଚ୍‌ନା ପାଏବାର୍ ଲାଗି ନୂଆପଡ଼ା ଜିଲ୍ଲାର୍ ଗୁଟେ ଚାଷୀ ଦଲ୍ ମହାରାଷ୍ଟ୍ରର୍ ନାସିକ୍ ଗସ୍ତଥି ଯାଇଛନ୍ । ଜିଲ୍ଲାର୍ ୮ଟା କୃଷି ଉତ୍ପାଦନ୍ ସଙ୍ଗଠନର୍ ୩୦ ଝନ୍ ସଦସ୍ୟ ଇ ଦଲ୍‌ଥି ସାମିଲ୍ ଅଛନ୍ । ନାସିକ୍‌ର ସାହିଦ୍ରୀ କୃଷି ଫାର୍ମକେ ସେମାନେ ଯାଇକରି ପିଆଜ୍ ଚାଷ୍ ଆଉ ତାର୍ ଆନୁଷଙ୍ଗିକ୍ ବ୍ୟବସ୍ଥା ବାବ୍‌ଦେ ଆଲୋଚନା କରିଛନ୍ ।

ରାମ ନଅମୀ ପୁରୀ ସମ୍ବାଦଦାତା

ଚଇତ୍ ମାସର୍ ଉଜଲ୍ ପଖର୍ ନଅମୀ ତିଥି ଅବ୍‌ସରେ ଆଏବାକାଏଲ୍ ପୁରୀ ଶ୍ରୀମନ୍ଦିର ନ ଶ୍ରୀରାମ ଜନ୍ମନୀତି ପାଳନ କରାଯିବା । ମଧ୍ୟାହ୍ନ ଧୂପ ଭୋଗ ନୀତି ଉଠ୍‌ବାର୍‌ନୁ ଶ୍ରୀରାମ ଜନମ୍ ନୀତି ଶେଷ୍ ହେବାର୍ ତକ୍ ଶ୍ରୀମନ୍ଦିର ନ ସର୍ବସାଧାରଣ ଦର୍ଶନ୍ ବନ୍ଦ ରହେବା । ସଞ୍ଜବେଳର୍ ୫ ବଜେନୁ ରାତିର୍ ୧୦

ବଜେତକ୍ ଦର୍ଶନ୍ ବନ୍ଦ ରହେବା ବଲି ଶ୍ରୀମନ୍ଦିର ପ୍ରଶାସନ୍ ତର୍ଫୁ କୁହାଯାଇଛେ ।

ଟିପିଡବ୍ଲ୍ୟୁଓଡିଲ୍ ଶିବିର ସମ୍ବଲପୁର ସମ୍ବାଦଦାତା

ପଶ୍ଚିମ ଓଡ଼ିଶା ନ ବିଦ୍ୟୁତ୍ ବିତରକ କମ୍ପାନୀ ଟିପିଡବ୍ଲ୍ୟୁଓଡିଲ୍ ଆଏବା ୩୦ ଆଉ ୩୧ ତାରିଖ୍ ଦିନ ନିଜର୍ ବିତରଣ କ୍ଷେତ୍ର ନ ବିଦ୍ୟୁତ୍ ଚୋରୀ ମାମଲାର୍ ସହଜ୍ ଆଉ ସମାଧାନ୍ ଲାଗି ଶିବିର୍‌ମାନ୍‌କର ଆୟୋଜନ୍ କର୍‌ବା । ସବୁ ବିଦ୍ୟୁତ୍ ଡିଭିଜନ୍, ସବ୍ ଡିଭିଜନ୍ ଆଉ ସେକ୍ସନ୍ କାର୍ଯ୍ୟାଳୟମାନ୍‌କେ ଇ ଶିବିର୍‌ର ଆୟୋଜନ୍ କରାଯିବା । ଇ ସମିଆଥି ବିଦ୍ୟୁତ୍ ଚୋରୀ ମାମଲାର୍ ସମାଧାନ୍ ଲାଗି ସିଙ୍ଗିଲ୍ ଓ୍ୱିଣ୍ଡୋ ବ୍ୟବସ୍ଥା କରାଯିବା ବଲି କର୍ତ୍ତୃପକ୍ଷଙ୍କର୍ ତର୍ଫୁ ସୂଚ୍‌ନା ଦିଆଯାଇଛେ ।

ପୁରୀ ଗଲା ରଥ କାଠ ବୌଦ୍ଧ ସମ୍ବାଦଦାତା

ପୁରୀ ରଥ ଯାତ୍ରା ଲାଗି ବୌଦ୍ଧ ଜିଲ୍ଲା ମାଧପୁର ବନାଂଚଲନୁ ଆଏଜ୍ ପହେଲା ଖେପ୍‌ଥି ରଥ କାଠ ପଠାଯାଇଛେ । ବୌଦ୍ଧ ବନଖଣ୍ଡ

ଅଧିକାରୀ ରାଜେନ୍ଦ୍ର ଗୋଚ୍ଛାୟତ୍ଙ୍କର୍ ନେତୃତ୍ୱଥି ପାରମ୍ପରିକ୍ ରତୀନୀତି ଅନ୍ସାରେ ପୂଜା କରାଯାଇ କରି କାଠକେ ପୁରୀ ପଠାଯାଇଛେ । ୫୩ ଖଣ୍ କାଠ ସହେତ ଦୁଇଟା ଗାଡ଼ି ଆଏଜ୍ ପୁରୀ ଯାତ୍ରା କରିଛେ । ରଥ କାଠ ପଠାଯିବାର୍ ବେଲେ ଇଲାକାନ ଆଧ୍ୟାତ୍ମିକ ପରିବେଶ୍ ସୃଷ୍ଟି ହେଇଥିଲା । ସୂଚ୍ନା ଅନ୍ସାରେ ଇ ବଛର୍ ଜିଲ୍ଲାର୍ ୫ଟା ବନାଂଚଲନୁ ପାଖାପାଖି ୧୨ ଟ୍ରିପ୍ କାଠ ପୁରୀ ପଠାଯିବା ।

ଶିଶୁ ସୁରକ୍ଷା ଆୟୋଗର୍ ଅଧ୍ୟକ୍ଷା                ଦେବଗଡ଼ ସମ୍ବାଦଦାତା

ରାଜ୍ୟ ଶିଶୁ ସୁରକ୍ଷା ଆୟୋଗର୍ ଅଧ୍ୟକ୍ଷା ବବିତା ପାତ୍ର ଆଉ ସଦସ୍ୟା ଚନ୍ଦନା ଦାସ ଦେବଗଡ଼ ଗସ୍ତଥି ଆସିକରି ଭିନ୍ ଭିନ୍ ଅନୁଷ୍ଠାନ୍ ପରିଦର୍ଶନ୍ କର୍ବାର୍ ସହେତେ ଛୁଆ ମାନ୍କର ଲାଗି ଆଇନ୍ ଆଉ ବ୍ୟବସ୍ଥାମାନ୍କର ସମୀକ୍ଷା କରିଛନ୍ । ଜିଲ୍ଲା ସଦର୍ ନ ଥିବା ଅଙ୍ଗନଓ୍ୱାଡ଼ି କେନ୍ଦ୍ର, ରେଙ୍ଗାଲବେଡ଼ା ନ ଥିବା ଅନୁସୂଚିତ୍ ଜନଜାତିର୍ ହଷ୍ଟେଲ୍, ବଣିଆକିଲିଣ୍ଡା ଆଉ ରିଆମାଲ ଛତୁଆ ମିଶ୍ରଣ କେନ୍ଦ୍ର, ସଖୀ କେନ୍ଦ୍ର, ପୋଷ୍ୟ ସନ୍ତାନ କେନ୍ଦ୍ର , ଶିଶୁ ଗୃହକେ ଦୁହେ ପରିଦର୍ଶନ୍ କରିଛନ୍ ।

ବାରବାଟୀ କ୍ରିକେଟ୍ ମେଚ୍ ହି.ସ.

କଟକ ବାରଟାଟୀ ଷ୍ଟେଡିୟମ୍ ନ ଆଏବା ଡିସେମ୍ବର ୨୪ ତାରିଖ୍ ଦିନ ଭାରତ-ଶ୍ରୀଲଙ୍କା ଟି-୨୦ କ୍ରିକେଟ୍ ମେଚ୍ ଖେଲାଯିବା । ଭାରତୀୟ କ୍ରିକେଟ୍ କଂଟ୍ରୋଲ୍ ବୋର୍ଡର ୨୦୨୬-୨୭ ଖେଲ୍ ସୂଚୀଥି ଇ ବାବ୍‌ଦେ ସୂଚ୍‌ନା ଦିଆଯାଇଛେ । ଡିସେମ୍ବର ମାସେ ଭାରତ ଗସ୍ତଥି ଶ୍ରୀଲଙ୍କା ଆସିକରି ୩ଟା ଟି-୨୦ ମେଚ୍ ଖେଲ୍‌ବା । ପହେଲା ମେଚ୍ ଗୁଜରାଟର ରାଜକୋର୍ଟ, ଦୁଇ ନମ୍ବର ମେଚ୍ ଓଡ଼ିଶାର୍ କଟକ ଆଉ ତିନ୍ ନମ୍ବର ମେଚ୍ ମହାରାଷ୍ଟ୍ରର୍ ପୁଣେ ନ ଖେଲାଯିବା ବଲି ଜନାପଡ଼ିଛେ ।